# ମୋ ଗାଁ ମୋର ଗୌରବ



ଭା.କୃ.ଅନୁ.ପ.- କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା

# କୋଉମାଛର ପ୍ରଜନନ ଓ ବୀଜ ଉତ୍ପାଦନ

**ଉପକ୍ରମ:**

- ଭାରତର ଦେଶୀୟ ବାୟୁଶ୍ୱାସୀ ମାଛ ମାନଙ୍କ ମଧ୍ୟରେ କୋଉ ମାଛ (ଆନାବାସ୍ ଟେଷ୍ଟୁଡିନିଅସ୍) ଅନ୍ୟତମ ।
- ଏହା ଆଞ୍ଚଳିକ ଭାବେ ଆଦୃତ ଏବଂ ପଶ୍ଚିମ ବଙ୍ଗ, ତ୍ରିପୁରା, ଆସାମ୍, ମଣିପୁର, ମେଘାଳୟ ତଥା ବିହାର ଆଦି ଅନେକ ରାଜ୍ୟରେ ଏହାର ବଜାର ଦର ଖୁବ୍ ବେଶୀ ।
- ଏହି ମାଛରେ ଅନେକ ମୌଳିକ ଧାତୁ ତଥା ସ୍ୱାସ୍ଥ୍ୟ ହିତକାରୀ ସ୍ନେହସାର ଏବଂ ଏମିନୋ ଏସିଡ୍‌ସ୍ ରହିଛି ।
- ଜୈବ ବିବିଧତା ମାଧ୍ୟମରେ ଜଳ କୃଷିର ଉତ୍ପାଦନ ବଢାଇବା ନିମନ୍ତେ ଏହା ଏକ ପ୍ରଧାନ ପ୍ରଜାତିର ମାଛ ଅଟେ ।
- ଏହାର କୃଷି ଓ ଉତ୍ପାଦନ ନ ହେବାର ମୂଖ୍ୟ କାରଣ ମାନଙ୍କ ମଧ୍ୟରେ ଗୁଣାତ୍ମକ ବୀଜ, ତଥା ବୀଜ ପାଳନ ଏବଂ ଚାଷ ସମ୍ବନ୍ଧୀୟ ଜ୍ଞାନ କୌଶଳର ଅନୁପଲବ୍ଧୀ ମୂଖ୍ୟ କାରଣ ଅଟେ ।
- ଭାରତୀୟ କୃଷି ଗବେଷଣା ପରିଷଦର ଅନ୍ତର୍ଭୂକ୍ତ କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା ଏହି ମାଛର ବୀଜ ଉତ୍ପାଦନର ଜ୍ଞାନ କୌଶଳକୁ ଆପଣାଇ ପାରିଛି ।

**ପୋଖତା ମାଛ ପରିଚାଳନା :**

- କୋଉ ମାଛ ପାଞ୍ଚ-ଛଅ ମାସ ବେଳକୁ ୧୫-୨୦ ଗ୍ରା. ଓଜନ ତଥା ୮.୦-୧୦.୦୦ ସେ.ମି. ଲମ୍ବ ହେବା ବେଳେ ପୋଖତା ହୋଇଥାଏ ।
- ପୂର୍ବ ଭାରତରେ ଏହାର ପ୍ରଜନନ ଅପ୍ରିଲ୍‌ରୁ ଅଗଷ୍ଟ ମଧ୍ୟରେ ହୋଇଥାଏ ଏବଂ ମୌସୁମୀରେ ସର୍ବାଧିକ ଦେଖାଯାଏ ।
- ପ୍ରଜନନ ଋତୁରେ ହିଁ ଏହାର ଦ୍ୱିତୀୟ ଲିଙ୍ଗ ଗୁଣମାନ ସୁରିଲିକ୍ଷିତ ହୋଇଥାଏ । ମାଇ ମାଛ ପେଟ ଫୁଲିବା ସହିତ ଜନନେନ୍ଦ୍ରିୟ ବୋତାମ ପରି ଗୋଲାକୃତ ଓ ଲାଲ୍ ଦେଖାଯାଏ । ଏହାକୁ ସାମାନ୍ୟ ଚାପ ଦେଲେ, ଡିମ୍ବକୋଷ ବାହାରିଥାଏ ।
- ପୋଖତା ପୁରୁଷ ମାଛ ଗୁଡିକ ସାଧାରଣତଃ ଗାଢ ରଙ୍ଗ ହୋଇଥାଏ । ଏମାନଙ୍କର ପଛ ପର ଗୁଡିକ ମାଇ ମାଛଙ୍କ ତୁଳନାରେ ଲମ୍ବା ଥାଏ । ପ୍ରଜନନ ଋତୁରେ ପୋଖତା ପୁରୁଷ ମାଛର ପେଟକୁ ଚାପ ଦେଲେ ଦୁଧିଆ ରଙ୍ଗର ଶୁକ୍ରାଣୁ ବାହାରିଥାଏ ।
- ପ୍ରଜନନ ଋତୁ ପୂର୍ବରୁ ପୋଖତା ମାଛ ଥିବା ପୋଖରୀରୁ ୫୦-୧୦୦ ଗ୍ରା. ଓଜନ ବିଶିଷ୍ଟ ମାଛକୁ କାଢି ସିମେଣ୍ଟ କୁଣ୍ଡରେ ଅଲଗା ରଖାଯାଏ ।
- ଦୈନିକ ସେମାନଙ୍କୁ ୩୦-୩୫% ପୃଷ୍ଟିସାର ଥିବା ଖାଦ୍ୟକୁ ଦେହ ଓଜନର ଶତକଡା ୩-୫ ଭାଗ ଅନୁପାତରେ ଖାଇବାକୁ ଦିଆଯାଏ ।
- ନିୟମିତ ଭାବେ ଟାଙ୍କିରୁ ଆବଶ୍ୟକ ମୁତାବକ ଜଳ ନିଷ୍କାସନ କରାଯାଇ ଜଳର ଗୁଣମାନ ରକ୍ଷା କରାଯାଏ ।
- ସେମାନଙ୍କର ଜନନେନ୍ଦ୍ରିୟ ବିକାଶକୁ ନିୟମିତ ଭାବେ ପରୀକ୍ଷା କରିବାକୁ ହୁଏ । ସମ୍ପୂର୍ଣ୍ଣ ପୋଖତା ମାଛକୁ ଚୟନ କରି ପ୍ରଜନନ ପ୍ରକ୍ରିୟା ନିମନ୍ତେ ରଖାଯାଏ ।

**ପ୍ରଭାବିତ ପ୍ରଜନନ:**

- ବଜାରରେ ଉପଲବ୍ଧଥିବା ପ୍ରଭାବକାରୀ ହର୍‌ମୋନ୍ (ଓଭାପ୍ରିମ୍/ଓଭାଟାଇଡ୍/ଓ୍ୱଭା-ଏଫ୍‌ଏଚ୍/ଗୋନୋପ୍ରୋଏଫ୍‌ଏଚ୍) କୁ ମାଂସପେଶୀରେ ଦିଆଯାଏ, ଯାହା ମାଇ ମାଛ ପାଇଁ ଦେହ ଓଜନର ପ୍ରତି ଗ୍ରାମ୍ ପାଇଁ ୦.୫-୧.୦ ଓ ପୁରୁଷ ମାଛ ପାଇଁ ୦.୨୫-୦.୫ ମାଇକ୍ରୋ ଲି. ଅଟେ ।
- ଇଂଜେକ୍‌ସନ୍ ଦିଆଯିବା ପରେ ମାଛ ମାନଙ୍କୁ ପ୍ରଜନନ କୁଣ୍ଡ ଭିତରେ ଛଡାଯାଏ ।
- ହରମୋନ୍ ଇଂଜେକ୍‌ସନ୍ ଦେବାର ପ୍ରାୟ ୭-୮ ଘଣ୍ଟା ପରେ ଅଣ୍ଡା ଆସିଥାଏ ।
- ଫର୍ଟିଲାଇଜଡ୍ ଅଣ୍ଡା ଗୁଡିକ ସ୍ୱଚ୍ଛ ଦେଖାଯିବା ବେଳେ, ଅନଫର୍ଟିଲାଜ୍‌ଡ୍ ଅଣ୍ଡା ଗୁଡିକ ଦୁଧିଆ ବା ଅର୍ଦ୍ଧ ସ୍ୱଚ୍ଛ ଦେଖାଯାଏ ।
- ମାଇ ମାଛରେ ଦେହ ଓଜନ ର ଏକ ଗ୍ରାମ୍ ପ୍ରତି ୩୦୦-୪୦୦ ଅଣ୍ଡା ମିଳିଥାଏ ।
- ଫର୍ଟିଲାଜ୍‌ଡ୍ ଅଣ୍ଡା ଗୁଡିକୁ ସ୍ଥିର ପାଣିରେ ପ୍ଲାଷ୍ଟିକ ବା ଏଫ୍.ଆର୍.ପି କୁଣ୍ଡରେ ଛଡାଯାଏ ।
- ଅଣ୍ଡାରୁ ଛୁଆ ଫୁଟିବା ପାଇଁ ଜଳରାଶିର ତାପମାତ୍ରା ( ୨୬-୨୮ ଡିଗ୍ରୀ ସେଣ୍ଟିଗ୍ରେଡ୍) ଅନୁସାରେ ପ୍ରାୟ ୧୨-୧୫ ଘଣ୍ଟା ସମୟ ଲାଗିଥାଏ ।

**ବୀଜ ପାଳନ:**

- ସଦ୍ୟଜାତ ଲାର୍ଭାର ଲମ୍ୱ ୧.୬-୧.୮ ମି.ମି. ଓ ଏହା ତଳ ମୁହାଁ ହୋଇ ସ୍ଥିର ରହିଥାଏ ।
- ଏହି ସଦ୍ୟ ଜାତ ଲାର୍ଭାକୁ ଘର ଭିତର ଟାଙ୍କି (ଏଫ୍.ଆର୍.ପି ବା ସିମେଣ୍ଟ) ରେ ୧୫-୨୦ ଇଞ୍ଚ ପାଣି ରଖି ପାଳନ କରାଯାଏ । ଏହି ସମୟରେ ଏହାର ମହଜୁଦି ଘନତା ୫୦୦-୧୦୦୦ ରଖିବା ବିଧେୟ ।
- ତିନିଦିନ ପରେ ଲାର୍ଭାକୁ ପତଳା କନାରେ ଛଣା ଯାଇଥିବା ପ୍ରାଣୀଜ ପ୍ଲବକ (zooplankton) ପନ୍ଦର ଦିନ ପର୍ଯ୍ୟନ୍ତ ଖାଇବାକୁ ଦିଆଯାଏ ।
- ଲାର୍ଭାର ବର୍ଦ୍ଧି ତଥା ବଞ୍ଚିବା ହାର ଉନତ୍ନ କରିବା ନିମନ୍ତେ ପାଣିର ଗୁଣ ମାନ ରକ୍ଷା କରିବା ନିହାତୀ ଜରୁରୀ ଅଟେ । ଏହା ସହିତ ନିର୍ଦ୍ଧିଷ୍ଟ ସମୟାନୁସାରେ ପାଣି ବଦଳାଇବା, ଖାଦ୍ୟ ଯୋଗାଇବା ଓ ଲାର୍ଭା ର ଘନତାକୁ କମାଇବା ଇତ୍ୟାଦି ଏହାର ବୃଦ୍ଧିର ହାର ଓ ବଞ୍ଚିବାର ହାରକୁ ବଢାଇଥାଏ ।
- ପନ୍ଦର ଦିନର ପାଳନ ପରେ ଲାର୍ଭାର ଆକାର ୧୨-୧୬ ମି.ମି. ରେ ପହଞ୍ଚିଥାଏ । ଏହି ଅବସ୍ଥାରେ ସେମାନଙ୍କୁ ମିଶ୍ରିତ ପ୍ଲବକ (mixed plankton) ଏବଂ ବାଦମ ପିଡିଆ ଓ ଚାଉଳ କୁଣ୍ଡାର ମିଶ୍ରିତ ଗୁଣ୍ଡକୁ ( ୧ : ୧ ) ଖାଇବାକୁ ଦିଆଯାଏ ।
- ଅଭ୍ୟନ୍ତର କୁଣ୍ଡରେ ତିନି ସପ୍ତାହ ପର୍ଯ୍ୟନ୍ତ ଏହାର ଲାଳନ ପାଳନ ନିମନ୍ତେ ବର୍ଗ ମି. ପ୍ରତି ୧୦୦୦-୧୫୦୦ ଲାର୍ଭା ରଖିବା ଆଦର୍ଶ ମହଜୁଦି ଘନତା ଅଟେ ।
- ତିନି ସପ୍ତାହ ପରେ ଫ୍ରାଏ କୁ ବର୍ଗ.ମି ପ୍ରତି ୧୦୦-୨୦୦ ହାରରେ ମହଜୁଦି କରି ଲାଳନ ପାଳନ କରାଯାଏ । ଏହି ସମୟରେ ଶତକଡା ୩୦-୩୫ ଭାଗ ପୁଷ୍ଟିସାର ଥିବା ଭାସମାନ ଖାଦ୍ୟ ଦିଆଯାଏ ।
- କୋଉ ମାଛର ଲାର୍ଭାକୁ ଲାଳନ କରିବା ସମୟରେ ସେମାନଙ୍କର ଆକାରରେ ବିଭିନ୍ନତା ଦେଖାଯାଏ, କାରଣ ଏକ ଗୋଷ୍ଠୀର (ବୟସ) ହେଲେ ମଧ୍ୟ ପ୍ରତ୍ୟେକ ଲାର୍ଭର ଖାଦ୍ୟ ଖାଇବା ହାର ଅଲଗା ଥାଏ । ତେଣୁ ଏହି ସମୟରେ ଯଥେଷ୍ଟ ଯତ୍ନ ଦେଇ ବଡ ଲାର୍ଭା ବା "ସୁଟ୍ ଫ୍ରାଏ" ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ବ୍ୟବଧାନରେ ପୃଥକ କରାଯାଇ ଅଲଗା ଟାଙ୍କିରେ ଲାଳନ କରିବାକୁ ହୁଏ । ନଚେତ୍ ଏମାନେ ସମ ବୟସ ଅନ୍ୟ ଛୋଟ ମାଛକୁ ଖାଇ ଦେଇଥାନ୍ତି ।
- ସ୍ୱନ୍‌ରୁ ଆଙ୍ଗୁଳିକାୟ ହେବା ସମୟରେ ଏହାର ବଞ୍ଚିବାର ହାର ଶତକଡା ୨୦-୨୫ ମଧ୍ୟରେ ରହିଥାଏ ।

© copyright all rights reserved. ICAR-CIFA 2016

**ସୂଚନା ନିମନ୍ତେ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ:**

ନିର୍ଦ୍ଦେଶକ, ଭା.କୃ.ଅନୁ.ପ.- କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା
ପୋଷ୍ଟ-କୌଶଲ୍ୟାଗଙ୍ଗ, ଭୁବନେଶ୍ୱର-୭୫୧ ୦୦୨, ଓଡିଶା, ଭାରତ
ଦୂରଭାଷା :୯୧-୬୭୪-୨୪୬୫୪୨୧, -୨୪୬୫୪୪, -୨୪୬୫୪୦୨
ଫ୍ୟାକ୍ସ :୯୧-୬୭୪-୨୪୬୫୪୦୭
ଇ.ମେଲ: director.cifa@icar.gov.in, ଓ୍ୱେବସାଇଟ୍: www.cifa.in

ପ୍ରସ୍ତୁତି
**ଡ. ରାଜେଶ କୁମାର,** ବୈଜ୍ଞାନିକ
**ଡ. ଉତ୍କଳ ଲକ୍ଷ୍ମୀ ମହାନ୍ତି,** ବୈଷୟିକ ଅଧିକାରୀ
ପ୍ରକାଶକ
**ଡ. ପି. ଜୟଶଙ୍କର,** ନିର୍ଦ୍ଦେଶକ